> ପ୍ରତ୍ୟେକ ଲୋକର ନିଜ ବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? –ଶ୍ରୀମା

# ନୀତି ଅନୀତି

ନୂଆଦିଲ୍ଲୀଠାରେ ୭ ଅଗଷ୍ଟରେ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ ବା ନୀତି ଆୟୋଗର ୭ମ ପରିଚାଳନା ବୈଠକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆହୂତ ହୋଇଥିଲା। ଏଥିରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ବ୍ୟତୀତ ପ୍ରାୟ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶାସିତ ଅଞ୍ଚଳର ଉପରାଜ୍ୟପାଳ ଓ କେନ୍ଦ୍ରମନ୍ତ୍ରୀମାନେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଯୋଜନା କମିଶନକୁ ଭାଙ୍ଗି ତା’ ସ୍ଥାନରେ ୧ ଜାନୁୟାରୀ ୨୦୧୫ରେ ନୀତି ଆୟୋଗ ଗଠନ କରିଥିଲେ। ସେତେବେଳେ କୁହାଯାଇଥିଲା ଅର୍ଥନୈତିକ ବିକାଶ ଓ ସହଯୋଗୀ ସଂଘୀୟବାଦକୁ ସୁଦୃଢ଼ କରିବା ଲାଗି ରାଜ୍ୟଗୁଡ଼ିକୁ ପ୍ରତ୍ୟେକ କ୍ଷେତ୍ରରେ ସମ୍ପୃକ୍ତ କରାଇବାରେ ଏହା କାର୍ଯ୍ୟ କରିବ। କିନ୍ତୁ ଯେଉଁଭଳି ଭାବେ ନୀତି ଆୟୋଗକୁ ଚିତ୍ରଣ କରାଯାଇଥିଲା, ସେହି ଅନୁଯାୟୀ ଗତ ୭ ବର୍ଷ ଭିତରେ ତାହାର କାର୍ଯ୍ୟକାରିତା ସଫଳ ହୋଇପାରି ନାହିଁ ବୋଲି ଅର୍ଥନୈତିକ ବିଶ୍ଳେଷକମାନେ ବିଭିନ୍ନ ସମୟରେ ମତ ଦେଉଛନ୍ତି। ସେହି ମତ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର୍‌ଙ୍କ ମନ୍ତବ୍ୟ ପରେ ଦୃଢ଼ୀଭୂତ ହୋଇଛି। କେସିଆର୍ ନୀତି ଆୟୋଗର କାର୍ଯ୍ୟକାରିତା ଉପରେ ଯେଉଁ ନକାରାତ୍ମକ ଆଭିମୁଖ୍ୟ ପୋଷଣ କରିଛନ୍ତି, ତାହା ଅନ୍ୟ ଏକ ଦିଗକୁ ଇଙ୍ଗିତ କରିଛି। ଯୋଜନା କମିଶନକୁ ଭାଙ୍ଗି ଯେଉଁ ନୀତି ଅୟୋଗ ଗଠନ କରାଯାଇଥିଲା ତାହା ଅତ୍ୟନ୍ତ ଫ୍ଲେକ୍ସିବଲ ବା ନମନୀୟ ରହିବ ବୋଲି ଆଶା କରାଯାଉଥିଲା। ପ୍ରକୃତରେ ଦେଖିଲେ ବିଭିନ୍ନ ଯୋଜନା ତିଆରି କରିବା ବା ପ୍ରଚଳିତ ନୀତିରେ ପରିବର୍ତ୍ତନ ଆଣିବା ଦିଗରେ ରାଜ୍ୟଗୁଡ଼ିକୁ ହିସାବକୁ ନିଆଯାଉ ନ ଥିବାରୁ ଏହି ଆୟୋଗ ତା’ର ପ୍ରାସଙ୍ଗିକତା ହରାଇବସିଛି ବୋଲି କେସିଆର ଅଭିଯୋଗ ଆଣି ନୀତି ଆୟୋଗ ବୈଠକକୁ ବର୍ଜନ କରିଥିବା ସ୍ପଷ୍ଟ କରିଛନ୍ତି। ସେହିପରି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଉକ୍ତ ବୈଠକରେ ଯୋଗ ଦେଇନାହାନ୍ତି। ସରକାରୀ ମହଲରୁ କୁହାଯାଇଛି ଯେ, କୋଭିଡ୍‌ରୁ କିଛି ଦିନ ପୂର୍ବେ ଆରୋଗ୍ୟ ଲାଭ କରିଥିବା ନୀତୀଶ ଦିଲ୍ଲୀ ଯିବା ପାଇଁ ଚାହିଁ ନ ଥିଲେ। କିନ୍ତୁ ନୀତୀଶଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ତାଙ୍କ ସରକାରରେ ସହଯୋଗୀ ଥିବା ଭାଜପା ଭିତରେ ବିଭେଦ ବିଷୟ ପ୍ରାୟତଃ ସମସ୍ତେ ଜାଣନ୍ତି।

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀତି ଆୟୋଗ ବୈଠକରେ ଯୋଗଦେଇ ତାଙ୍କ ପୁରୁଣା ଦାବି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ଉପରେ ପ୍ରଥମେ ଗୁରୁତ୍ୱ ଦେଇଥିଲେ। ଏହି ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାରୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ପାଇବା ଲାଗି ହକ୍‌ଦାର ବୋଲି କହିଥିଲେ। ଏଥିସହିତ ନୂତନ ଗୃହ ନିର୍ମାଣ ଯୋଜନା ପ୍ରଧାନମନ୍ତ୍ରୀ ଆୱାସ ଯୋଜନା (ପିଏମ୍‌ଏୱାଇ)ରୁ କେବିକେ ଓ କେତେକ ଆଦିବାସୀ ଅଞ୍ଚଳ ବାଦ୍ ପଡ଼ିଥିବାରୁ ତାହା ଉପରେ ନଜର ଦେବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ତେବେ ପୁରୁଣା କୀର୍ତ୍ତିରାଜି ଓ ଐତିହ୍ୟସ୍ଥଳୀର ବିକାଶ ନିମନ୍ତେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ଭେ (ଏଏସ୍‌ଆଇ)କୁ ରୂପାନ୍ତରିତ କରିବା ସହ ଆନ୍‌ସିଏଣ୍ଟ ମନୁମେଣ୍ଟ୍‌ସ ଆଣ୍ଡ୍ ଆର୍କିଓଲୋଜିକାଲ ସାଇଟ୍‌ସ ଆଣ୍ଡ୍ ରିମେନ୍ସ ଆକ୍ଟ ବା ଆମ୍‌ସାର ଆଇନ ସଂଶୋଧନ କରିବା ଉପରେ ନବୀନ ପ୍ରାଧାନ୍ୟ ଦେଇଛନ୍ତି। ଏହି ଆଇନ ପରିବର୍ତ୍ତନ ଦାବି ପଛରେ ଓଡ଼ିଶା ସରକାରଙ୍କ ଦ୍ୱାରା ବିଭିନ୍ନ ମନ୍ଦିର ଚତୁଃପାର୍ଶ୍ୱରେ କରାଯାଉଥିବା ପରିବର୍ତ୍ତନକୁ ଆଇନଗତ ରଖିବାର ଲକ୍ଷ୍ୟ ଥାଇପାରେ। କିନ୍ତୁ ଏହି ଆଇନ ସଂଶୋଧନ କରିବାର ଦାବି ଦ୍ୱାରା ସମଗ୍ର ଦେଶରେ ଥିବା ପ୍ରାଚୀନ କୀର୍ତ୍ତିରାଜି ଓ ଐତିହ୍ୟସ୍ଥଳୀ ଘୋର ଭାବେ ପ୍ରଭାବିତ ହୋଇପାରନ୍ତି। ଗୋଟିଏ ରାଜ୍ୟ ତରଫରୁ ଆସିଥିବା ଦାବିକୁ ମାନି ନେଇ ଅନେକ ଐତିହ୍ୟସ୍ଥଳୀ ଯଥା ଦିଲ୍ଲୀର ପାର୍ଲାମେଣ୍ଟ, ଆଗ୍ରାର ତାଜମହଲ ଏବଂ ତତ୍‌ସହିତ ଦେଶବ୍ୟାପୀ ଯେଉଁଠାରୁ ତଥାକଥିତ ଲିଙ୍ଗ ବାହାରିବ, ସେହି ସବୁ ସ୍ଥାନର ପରିବର୍ତ୍ତନ କରାଗଲେ ଭାରତୀୟ ଇତିହାସକୁ ଲୋପ କରିବା ସହିତ ଆଜିର କେନ୍ଦ୍ର ସରକାରଙ୍କ ବିକୃତ ଚିନ୍ତାଧାରା ବୈଧ ହୋଇଯିବ।

ଆଶ୍ଚର୍ଯ୍ୟର କଥା ଯେ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ କେନ୍ଦ୍ର ସରକାରଙ୍କ କୋପ ଦେଖି ଭାଙ୍ଗି ପଡ଼ିଲେଣି। ମୋଦିଙ୍କୁ ବିରୋଧ କରି ତିଷ୍ଠିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଲାଣି ବୋଲି ଅଧିକାଂଶ ପ୍ରମୁଖ ରାଜନୀତିଜ୍ଞ ବୁଝିସାରିଲେଣି। ଦେଶ ଭାସିଯାଉ ପଛେ ନିଜ ଆସନକୁ ସୁରକ୍ଷିତ ରଖିବା ପାଇଁ ସାଲିସ କରିବା ହୋଇଗଲାଣି ସମସ୍ତଙ୍କ ମୁଖ୍ୟ ଲକ୍ଷ୍ୟ। ଏହାର ମୂଳ କାରଣ ହେଉଛି ଅଧିକାଂଶ ରାଜନେତା ଏବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ବନ୍ଧା ହୋଇପଡ଼ିବେ ବୋଲି ଭାବି ଭୟଭୀତ ହୋଇ ରହିଛନ୍ତି। ସେଥିପାଇଁ ଦେଶର ସ୍ଥିତି ଚିନ୍ତାଜନକ।

କେନ୍ଦ୍ର ସରକାର ସର୍ବଦା ‘ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ’ ଉପରେ ଗୁରୁତ୍ୱ ଦେଉଥିବା ବିଷୟ ଦୋହରାଇ ଚାଲିଛନ୍ତି। ଅଣହିନ୍ଦୀ ଭାଷୀ ଅଞ୍ଚଳରେ ଏହି ସ୍ଲୋଗାନ ବୁଝିପାରିବାର ଲକ୍ଷଣ ଦେଖାଯାଉ ନାହିଁ। ଯେତେବେଳେ ଯୋଜନା କମିଶନକୁ ଭଙ୍ଗାଯାଇ ନୀତି ଆୟୋଗ ଗଢ଼ାଗଲା ଆଶା କରାଯାଉଥିଲା ଏକ ସକାରାତ୍ମକ ପରିବର୍ତ୍ତନ ଆସିବ। କିନ୍ତୁ ତାହା ନ ହୋଇଲା। ନୀତି ଆୟୋଗରେ ନିଯୁକ୍ତି ପାଉଥିବା ବ୍ୟକ୍ତିମାନଙ୍କ ବ୍ୟକ୍ତିଗତ ଦକ୍ଷତା ସବୁବେଳେ ସନ୍ଦେହଜନକ ରହୁଛି। ଦେଶର ହିତ ପାଇଁ କହିବା ପରିବର୍ତ୍ତେ ଏମାନେ ଶୁଆବଣି ଭଳି ରାଜନୈତିକ ନେତୃତ୍ୱର ଧ୍ୱନିକୁ ଦୋହରାଇବାରେ ବ୍ୟସ୍ତ ରହୁଛନ୍ତି। ଫଳରେ ଦେଶର ଉନ୍ନତି ପରିବର୍ତ୍ତେ ଅସତ୍ୟ ଉପରେ ଆଧାରିତ ବିଭିନ୍ନ ତଥ୍ୟ ପ୍ରକାଶ କରି ନୀତି ଆୟୋଗ ଏବେ ଅନୀତି ପର୍ଯ୍ୟାୟରେ ଉପନୀତ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | | 7 | | |
| 7 | 2 | | 3 | | | 9 | | |
| 6 | | | | | | | | 2 |
| 3 | | 1 | 9 | | 4 | | 6 | |
| | | | 8 | | | 1 | | |
| | | | | | | | 5 | |
| | | | | 2 | | | 8 | |
| | | | 5 | | | | 9 | |
| | 8 | | 7 | 3 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 8 | 1 | 4 | 7 | 3 | 2 | 9 |
| 1 | 4 | 2 | 9 | 5 | 3 | 6 | 8 | 7 |
| 7 | 9 | 3 | 6 | 2 | 8 | 4 | 1 | 5 |
| 5 | 8 | 7 | 3 | 6 | 1 | 9 | 4 | 2 |
| 2 | 1 | 6 | 4 | 7 | 9 | 5 | 3 | 8 |
| 9 | 3 | 4 | 5 | 8 | 2 | 1 | 7 | 6 |
| 4 | 2 | 9 | 7 | 1 | 6 | 8 | 5 | 3 |
| 8 | 6 | 1 | 2 | 3 | 5 | 7 | 9 | 4 |
| 3 | 7 | 5 | 8 | 9 | 4 | 2 | 6 | 1 |

ଗତକାଲିର ଉତ୍ତର

# ପଞ୍ଚସ୍ତରି ବର୍ଷର ପତାକା



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଆଉ ସପ୍ତାହକ ପରେ ଆମ ଦେଶ ସ୍ୱାଧୀନତାର ଆୟୁଷକୁ ପୂରିବ ପଞ୍ଚସ୍ତରି ବର୍ଷ। ଶହ ଶହ ବର୍ଷ ଧରି ଯେଉଁ ଦେଶର ଆକାଶରେ ଭିନ୍ନ ଭିନ୍ନ ରଙ୍ଗର ପତାକା ଫରଫର ଉଡ଼ି ନିଜ ନିଜର ପରାକ୍ରମ ପ୍ରକାଶ କରୁଥିଲେ ସେ ଦେଶର ଇତିହାସରେ ତ୍ରିରଙ୍ଗା ପତାକାର ବୟସ ପଞ୍ଚସ୍ତରି ବର୍ଷ ହେବା କମ୍ ଗୌରବର ବିଷୟ ନୁହେଁ। ଏହି ଅମୃତ ମହୋତ୍ସବର ଅନବଦ୍ୟ ଆବେଦନରେ ଦେଶର ପ୍ରଧାନମନ୍ତ୍ରୀଙ୍କ ଅଭିନବ ଆହ୍ୱାନ ‘ହର୍ ଘର୍ ତ୍ରିରଙ୍ଗା’ ସବୁ ଦେଶପ୍ରେମୀ ଭାରତୀୟଙ୍କ ପ୍ରାଣରେ ପୁଲକ ସୃଷ୍ଟି କଲାଣି। ଆସ୍ତେ ଆସ୍ତେ ଜନଗଣଙ୍କ ବିସ୍ମୃତିରେ ହଜିଯାଉଥିବା ତ୍ରିରଙ୍ଗାର ରୂପକାର ପିଙ୍ଗଲି ଭେଙ୍କୟା ପୁଣି ଜାଗି ଉଠିଲେଣି କୃତଜ୍ଞ ରାଷ୍ଟ୍ରର ଚେତନାରେ। କୁହାଯାଏ ସଂସାରର ସବୁ ପ୍ରେମ ମଧ୍ୟରେ ବିଭୁପ୍ରେମ ଓ ଦେଶପ୍ରେମର ଆବେଦନ ସବୁଠୁ ଉତ୍କଟ। ସୁତରାଂ, ସ୍ୱାଧୀନତାର ଏହି ଅମୃତ ମହୋତ୍ସବ ଅବସରରେ କେହି ଭାରତୀୟଙ୍କ ମନ ଯଦି ଜାତୀୟତାର ମୁଗ୍ଧ ଅନୁଭବରେ ପୁଲକିତ ହୋଇ ନ ଉଠିଲା, ତେବେ ବୁଝିବାକୁ ହେବ ଯେ ଦେଶପ୍ରେମର ଅମୃତ ଆସ୍ୱାଦନରୁ ବଞ୍ଚିତ ସେ ଜଣେ ଅଭିଶପ୍ତ ନାଗରିକ!

ପ୍ରତିବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ସେମାନଙ୍କର ଗୁଣ କୀର୍ତ୍ତନ କରାଯାଏ, ଯେଉଁମାନେ ଅବଶିଷ୍ଟ ଭାରତୀୟମାନଙ୍କୁ ସ୍ୱାଧୀନତାର ଅମୃତ ଚଖାଇବା ପାଇଁ ନିଜେ ନୀଳକଣ୍ଠ ସାଜି ସବୁଯାକ ବିଷ ପିଇଥିଲେ। ନିଜ ପତ୍ନୀଙ୍କ ସୀମନ୍ତରୁ ସିନ୍ଦୂର ପୋଛି, ନିଜ ଶିଶୁ ସନ୍ତାନକୁ ଅନାଥ କରିଅବା ନିଜ ମା’ବାପାଙ୍କ କୋଳ ଉଜାଡ଼ି ଅକାଳରେ ଚାଲିଯାଇଥିଲେ ଆରପୁରକୁ। ଆସାମର ଏଗାରବର୍ଷର ବାଳିକା କନକଲତା ବରୁଆ ବା ମଧ୍ୟପ୍ରଦେଶର ବାରବର୍ଷୀୟ ବାଳକ ଗୁଲାବ ସିଂହ। ଭଲ କରି ଫୁଟିବା ଆଗରୁ ଏଭଳି କିଛି ଛୋଟ ଛୋଟ କଢ଼ି ଭାରତ ଆକାଶରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ବ୍ରିଟିଶ ବନ୍ଧୁକ ଆଗରେ ଛାତି ପତାଇ ଅକାଳରେ ଝଡ଼ି ପଡ଼ିଥିଲେ। ବଙ୍ଗଳାର ତେସ୍ତରି ବର୍ଷୀୟା ବୁଢ଼ୀ ମାତଙ୍ଗିନୀ ହାଜରା। ଆଉ କେଇଦିନ ଯାଇଥିଲେ ବୁଢ଼ୀ ଆପଣା ଛାଏଁ ଶ୍ମଶାନକୁ ଯାଇଥାନ୍ତେ। ମାତ୍ର କି ଗରଜ ଥିଲା ତାଙ୍କର, ଥରିଲା ହାତରେ ତ୍ରିରଙ୍ଗାକୁ ଧରି ପରମ ବିକ୍ରମରେ ଆଗେଇ ଯାଉ ଯାଉ ଗୁଳି ମାଡ଼ରେ ଟଳି ପଡ଼ିଲେ। ବିହାରର ଉମାକାନ୍ତ ସିଂହ ବା ଓଡ଼ିଶାର ବାଜି ରାଉତ ଓ ହରିବନ୍ଧୁ ପଣ୍ଡା। ଦେଶକୁ ପରାଧୀନତାର ଫାଶରୁ ମୁକୁଳାଇବା ପାଇଁ ସଭିଏଁ ନିଜର ପ୍ରାଣବଳି ଦେଇଥିଲେ। ପରମ ଆନନ୍ଦରେ ଗଛର ଫଳ ଖାଉଥିବା ଲୋକେ କାହୁଁ ବା ବୁଝନ୍ତେ ଗଛ ଲଗାଇଥିବା ଲୋକଙ୍କ ତ୍ୟାଗ ଓ ତପସ୍ୟାର ମୂଲ୍ୟ। ଦେଶର ସ୍ୱାଧୀନତା ଉପଭୋଗ କରୁଥିବା ଉତ୍ତରଦାୟାଦମାନେ କେବେ କ’ଣ ହୃଦୟଙ୍ଗମ କରୁଥିବେ ଏହି ସ୍ୱାଧୀନତା ଆଣିଥିବା ସେମାନଙ୍କ ପୂର୍ବପୁରୁଷମାନଙ୍କ ଉଜୁଡ଼ା ଜୀବନର କରୁଣ କାହାଣୀ। ନବ୍ୟ ଆଧୁନିକତାର ଆକର୍ଷଣରେ ମୋବାଇଲର ଗୁଗ୍‌ଲ ପୃଷ୍ଠା ଭିତରେ ଜଗତର ଯାବତୀୟ ଜ୍ଞାନ ଆହରଣ କରୁଥିବା ଆମ ଯୁବପିଢ଼ିଙ୍କ ପାଇଁ ତ୍ରିରଙ୍ଗା ଏକ ସାଧାରଣ ଜ୍ଞାନ ହୋଇ ରହିଛି ସିନା, ହୃଦୟର ଅନୁଭବ ହୋଇ ନାହିଁ, ହୋଇପାରି ନାହିଁ!



ଦେଶ ପ୍ରୀତିର ଏଇ ଅନୁଭବଶୂନ୍ୟତା ପାଇଁ ଯୁବାବର୍ଗଙ୍କୁ ସମ୍ପୂର୍ଣ୍ଣ ଦାୟୀ କରାଯାଇ ପାରିବ ନାହିଁ। ଅତ୍ୟାଚାରୀ ଫିରିଙ୍ଗି ଶାସକମାନଙ୍କ ହାତରୁ ନିଜ ମାତୃଭୂମିକୁ ମୁକୁଳାଇବା ପାଇଁ ଯେଉଁ ପୂର୍ବପୁରୁଷମାନେ ଅସହ୍ୟ ଦୁଃଖ ଯାତନା ଭୋଗ କରିଥିଲେ ବା ଅକାଳରେ ପ୍ରାଣବଳି ଦେଇଥିଲେ, ସେମାନଙ୍କ ସଂଗ୍ରାମ ସାଧନା ଦେଖିବାକୁ ଏମାନଙ୍କର ଜନ୍ମ କାହିଁ! ମାତ୍ର ଯେଉଁମାନେ ସ୍ୱାଧୀନ ଭାରତର ଶାସନ ଡୋରି ନିଜ ହାତକୁ ନେଇ ଦେଶ ଓ ରାଜ୍ୟର ଭାଗ୍ୟ ବିଧାତା ବୋଲାଉଛନ୍ତି, ସେମାନଙ୍କ ଚିତ୍ର ଓ ଚରିତ୍ର ଅବଲୋକନ କଲା ପରେ ସାମ୍ପ୍ରତିକ ରାଜନୀତିର କଳୁଷ କାଳିମା ଯୁବଚେତନାକୁ ଗଭୀର ଭାବେ ପ୍ରଭାବିତ କରୁଛି ଓ ସ୍ୱତଃ ବଦଳିଯାଉଛି ଦେଶପ୍ରେମର ପରିଭାଷା। ବାସ, କେବଳ ପାକିସ୍ତାନ ସହ ଭାରତର କ୍ରିକେଟ ମ୍ୟାଚ୍ ବେଳେ ଅବା କୌଣସି ଦେଶାତ୍ମବୋଧକ ସିନେମା ଦେଖୁଥିବା ଅବସରରେ ଦେଶପ୍ରେମର ଏକ ଉଦ୍‌ବେଳିତ ତରଙ୍ଗଟିଏ ସେମାନଙ୍କ ଯୁବପ୍ରାଣକୁ ଉଚ୍ଛନ୍ନ କରିପକାଏ ଏକ ବିଚିତ୍ର ତଥା ଅବର୍ଣ୍ଣନୀୟ ମୁଗ୍ଧ ଅନୁଭବରେ। ଦେଶ ପାଇଁ ଯୁବବର୍ଗଙ୍କ ନିଷ୍ପ୍ରାଣ ପ୍ରତିବେଦନ ପାଇଁ କେବଳ ଯେ ଦେଶର କର୍ଣ୍ଣଧାର ସାଜିଥିବା ଅସାଧୁ ନେତାମାନଙ୍କ ସ୍ଖଳିତ ଚରିତ୍ର ଦାୟୀ, ତାହା ନୁହେଁ, ବରଂ ଅଧିକ ଭାବେ ଦାୟୀ ସେମାନଙ୍କ ମଧ୍ୟରେ ଏଭଳି ଭାବ ଉଦ୍ରେକ କରିବାରେ ବରିଷ୍ଠମାନଙ୍କ ଅଯୋଗ୍ୟତା ଓ ଭୟଙ୍କର ଉଦାସୀନତା।

ସ୍ୱାଧୀନତାର ପଞ୍ଚସ୍ତରି ବର୍ଷ ଉପଲକ୍ଷେ ପାଳିତ ହେଉଥିବା ‘ଅମୃତ ମହୋତ୍ସବ’ ଅବସରରେ ଶହେ ଛୁଇଁବାକୁ ଯାଉଥିବା ଜଣେ ବୃଦ୍ଧ ବ୍ୟକ୍ତିଙ୍କୁ ପଚରା ଯାଇଥିବା ଏକ ମୌଳିକ ପ୍ରଶ୍ନ– ‘‘ସେବେକାର ଭାରତ ଓ ଏବେକାର ଭାରତ ମଧ୍ୟରେ ସେ କେଉଁ ମହତ୍ତ୍ୱପୂର୍ଣ୍ଣ ପାର୍ଥକ୍ୟଟି ଲକ୍ଷ୍ୟ କରୁଛନ୍ତି?’’ ଉତ୍ତର ଥିଲା ବେଶ୍ ପ୍ରଣିଧାନଯୋଗ୍ୟ– ‘‘ସେତେବେଳେ ଯେତେ ନିର୍ଯାତିତ ହେଲେ ବି ଶାସକବର୍ଗଙ୍କୁ ପ୍ରଶ୍ନ କରିବା ଥିଲା ଏକ ଧୃଷ୍ଟତା, ଏକ ଅକ୍ଷମଣୀୟ ଅପରାଧ। ମାତ୍ର ଏବେ ପାନରୁ ଚୂନ ଖସିଗଲେ ବି ପ୍ରଶ୍ନ କରିବାର ଅଧିକାର ଉପଲବ୍ଧ।’’ ସେଇ ପରିଣତ ବୃଦ୍ଧଙ୍କ ଉପଲବ୍ଧିର ପ୍ରମାଣ ମିଳିଥିଲା ଅଳ୍ପ କେଇଦିନ ତଳେ, ଯେତେବେଳେ ଉତ୍ତରପ୍ରଦେଶର କନୌଜ ସହରରେ ନିଜ ମା’ବାପାଙ୍କ ସହ ରହୁଥିବା ଛଅବର୍ଷର ଟିକି ଝିଅ କ୍ରିତି ଦୁବେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ନିଜ ପେନ୍‌ସିଲ ଓ ରବର ଭଳି ସ୍କୁଲ ସାମଗ୍ରୀର ଦରବୃଦ୍ଧି ନେଇ କୈଫିୟତ ମାଗୁଥିବାର ଖବର ପ୍ରକାଶ ପାଇଥିଲା। ଏବେକାର କେବଳ ସେଇ ଅବୋଧ ଶିଶୁଟିର ପ୍ରଶ୍ନ ନୁହେଁ, ଏହାର ପଚିଶବର୍ଷ ପୂର୍ବରୁ ଦେଶ ଯେବେ ଆମ ପତାକାର ପଚାଶ ବର୍ଷ ପୂର୍ତ୍ତି ‘ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ’ ପାଳନ କରୁଥିଲା, ସେତେବେଳେ ସୀମା ସୁରକ୍ଷା ବାହିନୀର ଜଣେ ସୈନିକଙ୍କ ସ୍ତ୍ରୀ ତତ୍କାଳୀନ ଶାସକବର୍ଗଙ୍କୁ ପଚାରିଥିବା ପ୍ରଶ୍ନଟା ବେଶ୍ ଚହଳ ସୃଷ୍ଟି କରିଥିଲା। ଶ୍ରୀମତୀ ଡିମ୍ପଲ ନାମ୍ନୀ ଆଗ୍ରା ସହରରେ ବାସ କରୁଥିବା ସେଇ ମହିଳା ଜଣକ ପନ୍ଦରବର୍ଷ ଧରି ଭାରତୀୟ ସୈନ୍ୟବାହିନୀରେ କାର୍ଯ୍ୟ କରୁଥିବା ନିଜ ସ୍ୱାମୀଙ୍କ କର୍ତ୍ତବ୍ୟନିଷ୍ଠା ଓ ଦେଶ ପାଇଁ ସମର୍ପିତ ସାଧନାକୁ ଲକ୍ଷ୍ୟ କରିଆସୁଥିଲେ। ବର୍ଷ ବର୍ଷ ଧରି ନିଜ ପିଲା ପରିବାରଠୁଁ ଦୂରରେ ରହି କେତେବେଳେ ପାକିସ୍ତାନ ସୀମାନ୍ତରେ ଶୂନ୍ୟଡିଗ୍ରୀ ତାପମାତ୍ରା ତଳେ ତ ଅନ୍ୟବେଳେ ଆତଙ୍କଗ୍ରସ୍ତ କଶ୍ମୀରର ଉଗ୍ରବାଦ ମଧ୍ୟରେ ନିଜ ଜୀବନକୁ ବାଜି ଲଗାଇ ଦେଶର ରକ୍ଷା କରୁଥିବା ପତିଙ୍କ ନୀରବନିଷ୍ଠାକୁ ନେଇ ଗର୍ବ କରୁଥିଲା ବେଳେ ଲକ୍ଷ୍ୟ କରୁଥିଲେ ଶହ ଶହ କୋଟି ଟଙ୍କାର ସ୍କାମ୍ ସ୍କାଣ୍ଡାଲ ମଧ୍ୟରେ ଲୁଚକାଳି ଖେଳୁଥିବା ଭାରତର ତଥାକଥିତ ଭାଗ୍ୟବିଧାତାମାନଙ୍କୁ। ଗୋଟିଏ ପଟେ ସ୍ୱାର୍ଥତ୍ୟାଗ ଓ କଠୋର କର୍ତ୍ତବ୍ୟନିଷ୍ଠାର ଆଦର୍ଶ ଓ ଅନ୍ୟପଟେ ଆମ ସ୍ୱାର୍ଥ, ପ୍ରବଞ୍ଚନା ଓ ଭ୍ରଷ୍ଟାଚାରର ଅନୁଚିତ ଅଧିକାର ଭଳି ଦୁଇଟି ବିପରୀତମୁଖୀ ବାସ୍ତବତାକୁ ସାମ୍ନା କରୁଥିବା ଡିମ୍ପଲ ସେତେବେଳେ ‘ଟାଇମ୍‌ସ ଅଫ୍ ଇଣ୍ଡିଆ’ ଭଳି ଏକ ସମ୍ଭ୍ରାନ୍ତ ଖବରକାଗଜର ସମ୍ପାଦକଙ୍କୁ ଲେଖିଥିଲେ– ‘‘ମହାଶୟ! ମୋତେ ଟିକେ ଦୟାକରି କହନ୍ତୁ, କାହା ପାଇଁ ମୋ ସ୍ୱାମୀଙ୍କର ଏହି ସୀମାହୀନ ସ୍ୱାର୍ଥତ୍ୟାଗ? କାହାର ସ୍ୱାର୍ଥରକ୍ଷା ପାଇଁ ସେ ତାଙ୍କ ପତ୍ନୀ ଓ ପିଲା ଦୁହିଁଙ୍କୁ ପର କରି ନିଜ ଜୀବନକୁ ବାଜି ଲଗାଇ ଦେଇଛନ୍ତି? ଦେଶର, ଜାତୀୟ ପତାକାର ନା ଆଉ କାହାର?’’

ଆଜି ଆମ ସ୍ୱାଧୀନତାର ପଞ୍ଚସ୍ତରି ବର୍ଷ ପୂର୍ତ୍ତି ହୋଇଗଲା। ଏଇ ପଞ୍ଚସ୍ତରି ବର୍ଷ ମଧ୍ୟରେ ଆମ ପୂର୍ବଜଙ୍କ କଷ୍ଟଲବ୍ଧ ସ୍ୱାଧୀନତା ଆମ ଜୀବନକୁ ମହିମାମଣ୍ଡିତ କରିଛି, ମାତ୍ର ତାହା ସହିତ ମନରେ ଭରିଦେଇଛି ମେଞ୍ଚାଏ ଅସମାହିତ ପ୍ରଶ୍ନ, ଯେଉଁ ପ୍ରଶ୍ନ କେତେବେଳେ ଶ୍ରୀମତୀ ଡିମ୍ପଲଙ୍କ କଣ୍ଠରେ ପ୍ରତିଧ୍ୱନିତ ହେଉଛି ତ ଅନ୍ୟବେଳେ ଛଅବର୍ଷର କୋମଳ କଳିକା କ୍ରିତି ଦୁବେଙ୍କ ସ୍ୱରରେ। ଏଭଳି ପ୍ରଶ୍ନ ଯେତେ ଅଧିକ ବିସ୍ତାରିତ ହେବ, ସେତେ ବେଶି ଗୌରବାନ୍ୱିତ ହେବ ଆମ ଗଣତନ୍ତ୍ର। ନେତା ଓ ଜନତାଙ୍କ ମଧ୍ୟରେ ଦୂରତା ସେତେ କମି କମି ଆସିବ। ମାତଙ୍ଗିନୀ ହାଜରା, ଗୁଲାବ ସିଂହ ବା ବାଜି ରାଉତମାନେ ଆରପୁରରେ ଥାଇ ବି କହୁଥିବେ– ‘ମେରା ଭାରତ ମହାନ୍’!!

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,**
**ଚକେଇସିହାଣି, ଭୁବନେଶ୍ୱର**
**ମୋ: ୮୮୯୫୬୨୪୧୦୫**

# ନାହିଁ ଆବେଗ ନା ଅଛି ଆକର୍ଷଣ



ମନୀଷା ପଣ୍ଡା

ଠିକ୍ ଧର୍ମାନ୍ତର ଗ୍ରହଣ କରିବା ପରେ ଆହାର, ବେଶଭୂଷା, ଭଜନକୀର୍ତ୍ତନ ଇତ୍ୟାଦି ବଦଳେଇ ଦେଇଥାଏ ବ୍ୟକ୍ତିବିଶେଷ। ଆଜିର ସମସ୍ୟା ଠିକ୍ ସେହିଭଳି ଶିକ୍ଷା ସମାପନ ପରେ ପାସୋର ପଡୁଛି ମନରୁ ପଲ୍ଲୀଭୂମି, ଯାହାର ଶାକ ତଣ୍ଡୁଳରେ ପୁଷ୍ଟ ହୋଇଥିଲା ଶରୀର, ଯାହାର ଛାତି ଉପରେ ଥରକୁ ଥର କଚାଡ଼ି ହୋଇ ପଡ଼ି ଚାଲିବା ଶିଖାଇଥିଲା ଶୈଶବର ବିଗତ ଦିନ। ତାହାରି ସହ ସମ୍ପର୍କ ରଜ୍ଜୁ ଧୀରେ ଧୀରେ ଦୁର୍ବଳ ହୋଇ ଛିନ୍ନ ପ୍ରାୟ। ଏହା ଆଜି କୌଣସି ଜଣେ ବ୍ୟକ୍ତିର ସମସ୍ୟା ନୁହେଁ, ସମଗ୍ର ଶିକ୍ଷିତ ସମାଜର ସମସ୍ୟା।

ଶିକ୍ଷାଲାଭ ସମୟରେ ମନରେ ଅନେକ ଆଶା ଥିଲା ଯେ, ମୋ ଜନ୍ମଭୂମି ମୋ ଗାଁ ପାଇଁ ଅନେକ କିଛି କରିବି, କେବଳ ଅପେକ୍ଷା ମୁଁ ରୋଜଗାରକ୍ଷମ ହୋଇଯାଏ, ହେଲେ ଯେତେବେଳେ ରୋଜଗାର କରେ ମୁଁ ସେତେବେଳକୁ ମୋ ବ୍ୟକ୍ତିଗତ ଜୀବନର ଦାୟିତ୍ୱ ବୋଧତା ଓ ଧନ ଅର୍ଜନର ଲୋଭ ଏତେ କଲବଲ କରିପକାଏ ଯେ ମୁଁ ଭାବିପାରେନି ଗାଁ ଭୂଇଁର ଉନ୍ନତି କଥା। ଘଟି ସାରିଥାଏ ମୋର ପୁନର୍ଜନ୍ମ। ମାଳ ମାଳ ଗଛଲତା ଜଙ୍ଗଲିଆ ପରିବେଶ ନଈ ନାଳ ବଦଳରେ ମୁଁ ଦେଖେ ଉଚ୍ଚ ଉଚ୍ଚ ପ୍ରାସାଦ, ପକ୍କା ସଡ଼କ ଆଉ ଅତ୍ୟାଧୁନିକ ଆସବାବପତ୍ର ସହ ମୋ ଆଭିଜାତ୍ୟପୂର୍ଣ୍ଣ ସହରୀ ଜୀବନ।

ଥରେ ଜଣେ ସ୍କୁଲ ପଢ଼ିବା ବେଳର ବନ୍ଧୁଙ୍କ ସହ ଅକସ୍ମାତ ଦେଖାହେଲା, ସେ ପୁଣି ରେଳ ଷ୍ଟେଶନରେ। ବନ୍ଧୁ ଜଣକୁ ଅନେକ ଦିନ ପରେ ପାଇ ପାଖକୁ ଦୌଡ଼ି ଯାଇ ଆଲିଙ୍ଗନ କରି ପକାଇଲି। ଓହୋ! କି ଆତ୍ମଶାନ୍ତି। ମନେପଡିଗଲା ତା’ ସହ ସ୍କୁଲ ପଛପାଖ ବଣରୁ ପତ୍ର ସଂଗ୍ରହ କରି ଠୁଙ୍ଗା ତିଆରି କରିବା କଥା। ବଡ଼ ହେଲେ ଯାକୁ ନେଇ ଢେର୍ ପଇସା କମେଇବାର ଯୋଉ ସ୍ୱପ୍ନ ଆଉ ମିଛ ଗପ। ଆଖିରୁ ବୋହି ଆସିବା ପୂର୍ବରୁ ଆବେଗ ଗୁଡାକ ଲୁହ ହୋଇ ଅଟକାଇ ଦେଲେ ଅତି ପରିଚିତ ବନ୍ଧୁ ମୋର। ଏତେ ଭଲ ପଢୁଥିଲୁ ସେଇ ଗାଁରେ ରହି ବେକାର ହୋଇଗଲି ବୋଲି ମନ୍ତବ୍ୟ ଦେଇ ଗୁଞ୍ଜିଦେଲେ ପାଞ୍ଚଶହ ଟଙ୍କିଆ ନୋଟ ଦୁଇଖଣ୍ଡ। ତାଙ୍କ ଆବେଗ ଓ ମୋ ପ୍ରତି ଥିବା ଭଲପାଇବା ପରିବର୍ତ୍ତିତ ହୋଇଥିଲା ପ୍ରଦର୍ଶିତ ଦୟାରେ।

ସେଦିନ ଅତି ପ୍ରିୟ ବନ୍ଧୁ ପବିତ୍ର ବନ୍ଧୁମିଳନ ଉତ୍ସବରେ ଯୋଗ ଦେବାପାଇଁ ଆସି କାର୍ଯ୍ୟକ୍ରମ ସାରିଦେଇ ଚାଲିଗଲା। ପରିବାର ସହ ଆସିଲୁ ନାହିଁ ପଚାରିବାରୁ କହି ପକାଇଲା ବିନା ଦ୍ୱିଧାରେ, ମୋ ପିଲାମାନେ କେଇଘଣ୍ଟା ଏ ଗାଉଁଲି ଜାଗାରେ ଚଳିବା ମୁସ୍କିଲ। ବିଦାରି ହୋଇଗଲା ଛାତି। ତେବେ ପବିତ୍ର ଆଜି ଉଚ୍ଚ ପାହ୍ୟା ଅଫିସର୍ କ’ଣ ଏ ଗାଉଁଲି ପରିବେଶରେ ଶିକ୍ଷା ଲାଭ କରି ହୋଇ ନ ଥିଲା? ପ୍ରଶ୍ନଟି ମନରେ ଉଙ୍କି ମାରି ମନ ଭିତରେ ହିଁ ମିଳେଇ ଗଲା।

ପାଶ୍ଚାତ୍ୟ ସଭ୍ୟତା, ପାଶ୍ଚାତ୍ୟ ଶିକ୍ଷା ଆମକୁ ଶିଖେଇ ସାରିଛି ଯେ, ଆଭିଜାତ୍ୟପୂର୍ଣ୍ଣ ଜୀବନ ବିତାଇବାକୁ ହେବ ଆମକୁ। ଯିଏ ଯେତେ ବେଶି ଊର୍ଦ୍ଧ୍ୱମୁଖୀ ହୋଇ ସମୟର ଚବିଶ ଘଣ୍ଟିଆ ବିନିଯୋଗ କରି ଟଙ୍କା ପ୍ରତିପତ୍ତି ସାଉଁଟି ପାରିଲା, ସେ ସେତିକି ଆଗରେ। ଏସବୁ ଠିକ ହେଲେ ଏଥିପାଇଁ ଯେ, ଶୈଶବର ଅଫେରା ଅଭୁଲା ଦିନ ଗ୍ରାମ୍ୟ ପରିବେଶକୁ ଅଣଦେଖା କରିବା ଅନିବାର୍ଯ୍ୟ ଏକଥା ଭାବିବା ସମ୍ପୂର୍ଣ୍ଣ ଭୁଲ୍।



ସେଦିନ ପଡ଼ୋଶୀ ବିଶୁ ଦାଦା ନିଜ ସଦ୍ୟାବିଧବା ଝିଅର ଦୁଃଖ ଜଣାଇଥିଲେ ସହରରୁ ଗାଁକୁ କେଇଘଣ୍ଟା ବୁଲିବା ଉଦ୍ଦେଶ୍ୟରେ ଆସିଥିବା ବିଭୁପ୍ରସାଦ ବାବୁଙ୍କୁ। ଆଶା ଓ ବିଶ୍ୱାସ ଥିଲା ଝିଅର ପିଲାଦିନର ସାଙ୍ଗ ବିଭୁପ୍ରସାଦ ବାବୁ ଛୋଟମୋଟ କିଛି ଗୋଟାଏ ବ୍ୟବସ୍ଥା କରିଦେବେ, ହେଲେ ଶୁଣୁଶୁଣୁ କହିପକେଇଲେ ବିଭୁବାବୁ ଯେ, ତାଙ୍କ ବ୍ୟସ୍ତତା ପୂର୍ଣ୍ଣ ଜୀବନରେ କେତେ କାହା ସମସ୍ୟା ବୁଝିବେ ତଥାପି ସେ ଚେଷ୍ଟା କରିବେ। ପ୍ରଥମେ କୋଟିନିଧି ପାଇବା ଭଳି ବିଶୁ ଦାଦା କହି ପକାଇଥିଲେ ‘‘ବାପା ବିଭୁ! ମୋ ବାପା ମୋ ପାଇଁ କିଛି ଗୋଟାଏ ବ୍ୟବସ୍ଥା କରିବ ବୋଲି ମୁଁ ଜାଣିଛି’’। ହେଲେ କଥା ଶେଷରେ ଡ. ବିଭୁପ୍ରସାଦଙ୍କୁ ଆଜ୍ଞା ବାବୁ ସମ୍ବୋଧନ କରି ମୁହଁ ଶୁଖାଇ ପଛକୁ ଘୁଞ୍ଚିଗଲେ ବିଶୁଦାଦା। ମୁଁ ବାରି ସାରିଥିଲି ଆପଣାପଣ ବାପା ବିଭୁ ଓ ଡ. ବିଭୁପ୍ରସାଦ ସମ୍ବୋଧନ ଭିତରେ ଥିବା ଫରକକୁ।

ସହରୀ ଧୂଆଁରେ ଅସ୍ୱଚ୍ଛ ଜୀବନ ଯାତ୍ରାରେ କେବଳ ଆଭିଜାତ୍ୟ ଓ ଟଙ୍କାର ପ୍ରଲୋଭନ। ଆକର୍ଷଣ କରୁନି ପଲ୍ଲୀଶୋଭା, ଗ୍ରାମୀଣ ଜୀବନ, ପକ୍ୱ ଧାନ କିଆରିର ମନକିଣା ବାସ୍ନା କି’ ବାରମାସର ତେର ପର୍ବ। ପାଠ ପଢ଼ିବା ବେଳେ କେବଳ ବାପା ମାଆ କାହିଁକି ପାଖ ପଡ଼ୋଶୀ ସମସ୍ତେ ଉଦାହରଣ ଦେଉଥାନ୍ତି ଆମ ଅମୁକ ବଡ ହେଲେ ବଡ଼ ଚାକିରି କରି ଆମ ଗାଁର ନାଁ ରଖିବ। ନିଶ୍ଚେ ଅନେକ କିଛି ପରିବର୍ତ୍ତନ କରିବ ଆମ ପରିବେଶରେ। ଭାଗ୍ୟ ବଦଳିବ ଆମ ଗାଁର। ହେଲେ ସମୟ ଆସିଲା ବେଳକୁ ସ୍ୱପ୍ନ ମରିଯାଏ ଅମୁକ ବାବୁଙ୍କ ପାଦ ଗାଁ ମାଟିରେ ପଡ଼ି ପାରେନି। ଯେଉଁ ଗ୍ରାମବାସୀମାନେ ଦିନେ ସ୍ୱପ୍ନ ଦେଖୁଥିଲେ ସେମାନେ ଆଉ ଅମୁକ ବାବୁଙ୍କୁ ଆଖି ପୂରେଇ ଦେଖିବାର ସୌଭାଗ୍ୟ ହରାଇଥାନ୍ତି। ସବୁ ମାୟା ମମତା ବନ୍ଧନ ମଧୁର ସମ୍ପର୍କକୁ ଛିନ୍ନ କରି ସବୁଦିନ ପାଇଁ ଗାଁ ପରିବେଶକୁ ତ୍ୟାଗ କରିଥାନ୍ତି। ସେଇଠି ଭାଙ୍ଗି ଦେଇ ଚାଲିଆସନ୍ତି ବସୁଧୈବ କୁଟୁମ୍ବକମ୍ ଭାବନା। ପଛରେ ପକାଇ ଚାଲିଆସନ୍ତି ଏକ ପରିବାରର ପରମ୍ପରା।

ଆମ୍ଭେମାନେ ଅତ୍ୟାଧୁନିକ ଯୁଗର ମାନବ। ସହରୀକରଣ, ବ୍ୟବସାୟ ମନୋବୃତ୍ତି, ଅର୍ଥନୈତିକ ସମୃଦ୍ଧି ନିହାତି ଆବଶ୍ୟକ। ତଥାପି ସମସ୍ତ ବାହାନା ବ୍ୟସ୍ତତାର ପ୍ରବଞ୍ଚନାକୁ ଏଡ଼ାଇ ଦେଇ ଭଲ ଉଚ୍ଚଶିକ୍ଷିତ ଗ୍ରାମବାସୀ ହେବାପାଇଁ ଚେଷ୍ଟାକରିବା। ଭାରତୀୟ ଅର୍ଥନୈତିକ ସମୃଦ୍ଧି ପାଇଁ ପାଶ୍ଚାତ୍ୟ ଶିକ୍ଷାପଦ୍ଧତିକୁ ଆପଣେଇବାକୁ ପଡ଼ିବ। ପାଶ୍ଚାତ୍ୟ ଶିକ୍ଷାରେ ଶିକ୍ଷିତ ହୋଇ ଜୀବନଧାରଣର ମାନ ବୃଦ୍ଧି ସହ ମହାନୁଭବତାର ପରିଧିକୁ ଗାଁରୁ ସହର ପର୍ଯ୍ୟନ୍ତ ବିସ୍ତୃତ କରିବା ନିହାତି ଆବଶ୍ୟକ।

**ଶିକ୍ଷୟିତ୍ରୀ, ସରକାରୀ ଉନ୍ନୀତ ଉଚ୍ଚ**
**ବିଦ୍ୟାଳୟ, ଅଙ୍କରାନ୍ତିପୁର, ଢେଙ୍କାନାଳ**
**ମୋ–୮୨୪୯୬୮୬୦୯୩**

## ଏଇ ଭାରତରେ

ପେଟ୍ରୋଲ–ଡିଜେଲ ଦାମ୍ ଆକାଶଛୁଆଁ ହୋଇଛି। ଅପରପକ୍ଷେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅନୁଭୂତ ହେବାରେ ଲାଗିଛି। ଏଭଳି ସ୍ଥିତିରେ ଇଲେକ୍ଟ୍ରିକ୍ ଯାନ (ଇଭି) କିଣିବା ସଭିଙ୍କ ପାଇଁ ଏକ ଉତ୍ତମ ବିକଳ୍ପ। କିନ୍ତୁ ଏହାର ଦାମ୍ ଓ ଚାର୍ଜିଂ ସମସ୍ୟା ବାଧକ ସାଜୁଛି। ଏଭଳି ସ୍ଥିତିକୁ ଲକ୍ଷ୍ୟକରି ପଶ୍ଚିମବଙ୍ଗ ନଦିଆର ଚନ୍ଦନ ବିଶ୍ୱାସ ସୋଲାର ସାଇକେଲ ନିର୍ମାଣ କରିଛନ୍ତି। ଚନ୍ଦନଙ୍କ ବୟସ ୬୦। ସେ ରେଜେଷ୍ଟ୍ରି ଅଫିସ୍‌ରେ ରାଇଟର ଭାବେ କାର୍ଯ୍ୟ କରନ୍ତି। ସେ ମଧ୍ୟ ଜଣେ ରେଡିଓ ମେକାନିକ୍। ବିଜ୍ଞାନ ପ୍ରତି ରୁଚି ଥିବାରୁ ସେ ତାଙ୍କ ଝିଅର ପୁରୁଣା ସାଇକେଲକୁ ସୋଲାର ସାଇକେଲ୍‌ରେ ପରିଣତ କରି ସେଥିରେ ପ୍ରତିଦିନ ୨୪ କିଲୋମିଟର ଦୂର କରିମ୍‌ପୁରରେ ଥିବା ତାଙ୍କ ଅଫିସକୁ ଯାଉଛନ୍ତି। ଏହି ସାଇକେଲରେ ଏକ ଲିଥିୟମ ଆଇଅନ୍ ବ୍ୟାଟେରି ଓ ମୋଟର ଲଗାଇଛନ୍ତି। ସାଇକେଲରେ ୨୪/୧୬୫ ୱାଟ୍‌ର ସୋଲାର ପ୍ୟାନେଲକୁ ସିଟ୍ ଉପରେ ୪ ଫୁଟ୍ ଉଚ୍ଚରେ ଲଗାଇଛନ୍ତି, ଯାହାଦ୍ୱାରା ଆରାମରେ ବସି ସାଇକେଲ ଚଳାଇହେଉଛି। ଅପରପକ୍ଷରେ ଏହା ମଧ୍ୟ ଖରାରୁ ରକ୍ଷା କରୁଛି। ସେ ଲେଡିଜ୍ ସାଇକେଲ୍‌ଟିକୁ ବିନା ପେଡାଲ୍‌ରେ ଯେତେବେଳେ ଚଳାଉଛନ୍ତି ସେତେବେଳେ ତାହା ସମସ୍ତଙ୍କୁ ବିସ୍ମିତ କରୁଛି। ଏହି ‘ଇଭି’ ସୋଲାର ସାଇକେଲ ନିର୍ମାଣ କରିବାରେ ସେ ୧୯ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଅଗଷ୍ଟ ୧୯୯୭

- ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନରେ ଅପେକ୍ଷାକୃତ କମ୍ ଗୁରୁତ୍ୱପୂର୍ଣ୍ଣ ପ୍ରାର୍ଥୀଙ୍କୁ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ନ ଦେବା ସକାଶେ କେନ୍ଦ୍ର ସରକାର ଆଗତ କରିଥିବା ବିଲ୍ ଲୋକସଭାରେ କାଟ୍ ଖାଇଯାଇଛି।
- ଲୋକସଭା ଏବଂ ଭାଜପା ଜାତୀୟ କାର୍ଯ୍ୟକାରୀ କମିଟିରୁ ସାଂସଦ ବନୱାରିଲାଲ୍ ପୁରୋହିତଙ୍କ ଇସ୍ତଫା।
- ପଣବନ୍ଦୀ ଭାବେ ରଖିଥିବା କର୍ଣ୍ଣାଟକ ଜଙ୍ଗଲ ବିଭାଗର ୮ ଜଣ କର୍ମଚାରୀଙ୍କୁ ମୁକ୍ତ କରିବା ପାଇଁ ଜଙ୍ଗଲ ଦସ୍ୟୁ ବୀରାପ୍ପାନଙ୍କ ୫ କୋଟି ଦାବି।

# ପାଠକ ଶ୍ରେଷ୍ଠ ବିଚାରକ

## ନିଷ୍ଠୁର ନିଷ୍ପତ୍ତି

ମହାଶୟ,

ଗତ ଜୁଲାଇ ୧୮ ରୁ କେତେକ ସାମଗ୍ରୀ ଉପରେ ଜିଏସ୍‌ଟି ହାର ବୃଦ୍ଧି କରିବା ସହ ଗରିବ ଓ ସାଧାରଣ ଜନତା ବ୍ୟବହାର କରୁଥିବା ନିତିଦିନିଆ ଖାଦ୍ୟପଦାର୍ଥ ଯଥା ମୁଢ଼ି, ଚୁଡ଼ା, ଖଇ, କ୍ଷୀର, ଦହି, ପନିର, ଅଟା, ସୁଜି ଓ ଚାଉଳକୁ ଜିଏସ୍‌ଟି ପରିସରକୁ ଅଣାଯାଇଛି। ଏହା ଫଳରେ ଏସବୁ ଖାଦ୍ୟପଦାର୍ଥର ଦର ଆହୁରି ବୃଦ୍ଧି ପାଇବ। ବିଭିନ୍ନ ଅତ୍ୟାବଶ୍ୟକ ଦ୍ରବ୍ୟର ଆକାଶଛୁଆଁ ମୂଲ୍ୟବୃଦ୍ଧି ଓ କ୍ରୟଶକ୍ତି ହ୍ରାସ ଫଳରେ ଦେଶର କୋଟି କୋଟି ଗରିବ ଓ ସାଧାରଣ ଜନତା ଦୀର୍ଘଦିନ ଧରି ହନ୍ତସନ୍ତ ହେଉଥିବା ବେଳେ କେନ୍ଦ୍ର ସରକାରଙ୍କର ଏପରି ନିଷ୍ପତ୍ତି ଖୁବ୍ କଠୋର ଓ ନିଷ୍ଠୁର। ଏଥିପାଇଁ କେନ୍ଦ୍ର ସରକାର ମୁଖ୍ୟତଃ ଦାୟୀ ଥିବା ବେଳେ ଯେଉଁ ରାଜ୍ୟ ସରକାର ପ୍ରତିନିଧିମାନେ ଜିଏସ୍‌ଟି ପରିଷଦ ବୈଠକରେ ଏହାକୁ ଅନୁମୋଦନ କରିଛନ୍ତି, ସେମାନେ ମଧ୍ୟ କମ୍ ଦାୟୀ ନୁହନ୍ତି। ଏହି ନିଷ୍ପତ୍ତି ଫଳରେ ସେମାନଙ୍କର ଗରିବ ଓ ମଧ୍ୟବିତ୍ତଙ୍କ ପ୍ରତି ସମ୍ବେଦନଶୀଳତା ନ ଥିବାର ପ୍ରମାଣିତ ହୋଇଛି। ଏହା ତୁରନ୍ତ ପ୍ରତ୍ୟାହାର ହେବା ଉଚିତ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

## ଚିରନ୍ତନୀ

ନ ପାରିଲି କହି କଥା କଥାଇଲା ଅନ୍ତର,
ନ ପାରିଲି ମୁଖେ ଚାହିଁ କଲ କିବା ମନ୍ତର।
ନୀଳ ତୁମ କୁନ୍ତଳେ ଗୋ ଚୁମ୍ବିଥିଲା ଜୋଛନା,
ଧବଳ କପୋଳେ ତବ କାନ୍ଦିଲା ମୋ ବାସନା।
–(ଛନ୍ଦ ନାୟିକା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସୋମବାର, ୮ ଅଗଷ୍ଟ, ୨୦୨୨



# ପ୍ରବଳ ବର୍ଷାରେ ନବରଙ୍ଗପୁର ଜିଲା ବେହାଲ

## ସଂକ୍ଷେପରେ

### ବିପଦ ସଙ୍କେତ ଉପରେ ବଂଶଧାରା, ସତର୍କ ରହିବାକୁ ଜିଲାପାଳଙ୍କ ପରାମର୍ଶ

ରାୟଗଡା ଅଫିସ, ୭।୮- ରାୟଗଡା ଜିଲା ଏବେ ରେଡ ଜୋନରେ ରହିଛି। ଫଳରେ ସତର୍କ ରହିବାକୁ ଜିଲାପାଳ ସ୍ୱାଧଦେବ ସିଂ ଜିଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଅବିରତ ବର୍ଷା ଜାରି ରହିଥିବାରୁ ସେ ଜିଲାର ସମସ୍ତ ବିଡ଼ିଓ ଏବଂ ତହସିଲଦାରଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଲଘୁଚାପ ଯୋଗୁ ଦକ୍ଷିଣ ଓଡିଶାରେ ରବିବାର ପ୍ରବଳ ବର୍ଷା ହୋଇଛି। ଗୁଣୁପୁରର ବଂଶଧାରା ନଦୀରେ ଗତ ୨୪ ଘଣ୍ଟା ମଧ୍ୟରେ ୪୮୨.୨ମି.ମି. ଏବଂ ହାରାହାରି ୪୩.୮୪ ମିମି ବର୍ଷା ହୋଇ ଜିଲାରେ ରେକର୍ଡ ସୃଷ୍ଟି କରିଛି। ଏହା ପ୍ରଭାବରେ ରାୟଗଡା ବ୍ଲକରେ ୨୦.୮, କୋଲନରାରେ ୧୬.୩ , କେସିଂପୁରରେ ୧୩.୪, କାଶୀପୁରରେ ୧୩.୦, ଗୁଣୁପୁରରେ ୫୭.୦, ପଦ୍ମପୁରରେ ୧୮୦.୩, ଗୁଡାରିରେ ୧୬.୮, ରାୟଗଡାରେ ୧୩୬.୪, ବିଷମକଟକରେ ୧୫.୨, ମୁନିଗୁଡାରେ ୧୩.୦୦ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଅବିରତ ବର୍ଷା ଯୋଗୁ ବଂଶଧାରା ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରଭାହିତ ହେଉଛି।

### ଘରେ ତ୍ରିରଙ୍ଗା ଲଗାଇବାକୁ ଡାକ ବିଭାଗ କରୁଛି ସଚେତନ

ଉମରକୋଟ,୭।୮ (ସ୍ୱ.ପ୍ର.)- କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଡାକ ବିଭାଗ ପକ୍ଷରୁ ରବିବାର ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଲୋକଙ୍କୁ ସାମିଲ ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଛି। ଅଞ୍ଚଳବାସୀ ନିଜ ପାଇଁ ଉମରକୋଟ ଡାକଘରୁ ତ୍ରିରଙ୍ଗା ନେଇ ପାରିବେ। ପ୍ରତ୍ୟେକ ଡାକ ଘରେ ଏବଂ ଉପ ଡାକଘରେ ଏହା ଉପଲବ୍ଧ ହେଉଛି। ଗୋଟିଏ ତ୍ରିରଙ୍ଗାର ମୂଲ୍ୟ ୨୫ଟଙ୍କା ରହିଛି। ଯଦି କେହି ଅନ୍‌ଲାଇନ ଅର୍ଡର କରନ୍ତି ତେବେ ଡାକବିଭାଗ



ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟରେ ତ୍ରିରଙ୍ଗା ପହଞ୍ଚାଇ ଦେବା ବ୍ୟବସ୍ଥା ହୋଇଛି ବୋଲି ପୋଷ୍ଟମାଷ୍ଟର ଶମ୍ଭୁ ଶଙ୍କର ପାଣିଗ୍ରାହୀ କହିଛନ୍ତି। ସୂଚନାଯୋଗ୍ୟ, ଦେଶ ଏବେ ସ୍ୱାଧୀନତାର ୭୫ ବର୍ଷରେ ଆଜାଦୀ କା ଅମୃତ ମହୋତ୍ସବ ପୂର୍ତ୍ତି ପାଳନ କରୁଛି। ପ୍ରତ୍ୟେକ ଭାରତୀୟ ନାଗରିକ ନିଜ ଘରେ ତ୍ରିରଙ୍ଗା ଜାତୀୟ ପତାକା ଲଗାଇବା ସହ ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଭାରତୀୟ ନିଜ ଘରେ ତ୍ରିରଙ୍ଗା ଉଡାଇବାକୁ ପରାମର୍ଶ ଦିଆଯାଇଛି। ଡାକ ବିଭାଗ ପକ୍ଷରୁ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ଡାକ ବିଭାଗର ସମସ୍ତ କର୍ମଚାରୀ, ଉମରକୋଟ ସରସ୍ୱତୀ ଶିଶୁ ମନ୍ଦିର, କଳିଙ୍ଗ ବିଦ୍ୟାପୀଠର ଶିକ୍ଷୟତ୍ରୀ, ଶିକ୍ଷକ ଓ ପିଲାମାନେ ସାମିଲ ହୋଇଥିଲେ। ଏଥିସହ ସହରର ଅନେକ ବୁଦ୍ଧିଜୀବୀ, ରାଜନେତା, ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ମଧ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସମସ୍ତେ ହାତରେ ତ୍ରିରଙ୍ଗା ପତାକା ଧରି ଭାରତମାତାର ଜୟଧ୍ୱନି ଦେଇ ସହର ପରିକ୍ରମା କରିଥିଲେ। ଏହି ଅବସରରେ ଜାତୀୟ ପତାକାକୁ ସମ୍ମାନ ଦେଇ ଜାତୀୟ ଏକତାକୁ ରକ୍ଷା କରିବାକୁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଡାକ ବିଭାଗ ପକ୍ଷରୁ ସଚେତନ ବାର୍ତ୍ତାରେ କୁହାଯାଇଛି। ଉମରକୋଟ ଡାକ ବିଭାଗ ଇନ୍ସପେକ୍ଟର ଅନିଲ ସାହୁଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଗଛରେ ପିଟି ହେଲା କାର, ଶିକ୍ଷକ ମୃତ

ଜି.ଉଦୟଗିରି(ଡି.ଏନ.ଏ.)/ ଫୁଲବାଣୀ ଅଫିସ/ଟିକାବାଲି,୭।୮ -ଟିକାବାଲି ଥାନା ଭଞ୍ଜପଦର ନିକଟରେ ରବିବାର ଅପରାହ୍ନରେ ଏକ କାର ଭାରସାମ୍ୟ ହରାଇ ଗଛକୁ ପିଟିହେବାରୁ ଶିକ୍ଷକ ନାରାୟଣ ସାହୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଗାଡି ଚଳାଉଥିବା ଶିକ୍ଷକ ଶାନ୍ତନୁ କୁମାର ଆଚାର୍ଯ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଟିକାବାଲି ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରିବା ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁଇ ଶିକ୍ଷକ କାର ଯୋଗେ ଫୁଲବାଣୀରୁ ଜି.ଉଦୟଗିରି ଆସୁଥିବା ବେଳେ ଭଞ୍ଜପଦର ନିକଟରେ ଦୁର୍ଘଟଣା ଘଟିଛି। ଟିକାବାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ନଂ.୫୬/୨୨ରେ ମାମଲା ରୁଜୁ କରିବା ସହିତ ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ଅଜୟ କୁମାର ସ୍ୱାଇଁ କହିଛନ୍ତି। ସାହୁଙ୍କ ମୃତଦେହ ବ୍ୟବଚ୍ଛେଦ ରବିବାର ହୋଇପାରିନଥିବା କାରଣରୁ ଅନ୍ତିମ ସଂସ୍କାର ହୋଇପାରି ନାହିଁ। ସେ ଟିକାବାଲି ବ୍ଲକ ରୁଦାଗିଂଆ ଉ. ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଥିଲେ।

## ଘରକାନ୍ଥ ଭୁଶୁଡ଼ି ବୃଦ୍ଧ ମୃତ

କୋଡ଼ିଙ୍ଗା/କୋଷାଗୁମୁଡ଼ା, ୭।୮(ଡି.ଏନ୍.ଏ.)

ଦୁଇ ଦିନ ଧରି ଲଗାଣ ବର୍ଷାରେ ଘରକାନ୍ଥ ଭୁଶୁଡ଼ି ପଡ଼ିଲା । ଏଥିରେ ମୁଣ୍ଡ ଉପରୁ ଛାତ ଚାଲିଯିବା ସହ ଘରର ମୁରବୀଙ୍କ ଜୀବନ ଚାଲିଯାଇଛି। କାନ୍ଥତଳେ ଚାପିହୋଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିବା ସହ ସ୍ତ୍ରୀ ଆହତ ହୋଇଛନ୍ତି। ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ସଦର ପଞ୍ଚାୟତର ବଜ୍ରଗଡ଼ ଗ୍ରାମରେ ରବିବାର ଅପରାହ୍ନରେ ଏଭଳି ଘଟଣା ଘଟିଛି। ମୃତକ ହେଲେ ଗାଁର ଚନ୍ଦ୍ର ନାୟକ(୬୦) ।

ସୂଚନା ଅନୁଯାୟୀ, ପ୍ରବଳ ବର୍ଷା ହେଉଥିବାବେଳେ ଘରେ ଚନ୍ଦ୍ର ଏବଂ ସ୍ତ୍ରୀ ମଙ୍ଗଳଦେଇ ବିଶ୍ରାମ ନେଉଥିଲେ । ଦିନ ୩ ଟାବେଳେ ଘରକାନ୍ଥ ଭୁଶୁଡ଼ି ଉଭୟଙ୍କ ଉପରେ ପଡ଼ିଥିଲା । ପରିବାର ଲୋକେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ଚନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ । ମଙ୍ଗଳଦେଇଙ୍କ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି । ଖବର ପାଇ କୋଡ଼ିଙ୍ଗା ତହସିଲଦାର ଶିବ ପ୍ରସାଦ ପଟ୍ଟନାୟକ ଗାଁରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି । କ୍ଷତିଗ୍ରସ୍ତ ପରିବାରକୁ ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି ।



## ଗଛ ଉପୁଡ଼ି ୨ ଘର ନଷ୍ଟ, ଅଳ୍ପକେ ବର୍ତ୍ତିଲେ ପାଞ୍ଚ

ନନ୍ଦାହାଣ୍ଡି,୭।୮,(ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ ନନ୍ଦାହାଣ୍ଡି ବ୍ଲକ ଖଡ଼ିଆଗୁଡ଼ା ଗ୍ରାମରେ ଏକ ବିଶାଳ ତେନ୍ତୁଳି ଗଛ ଉପୁଡ଼ି ନିକଟରେ ଥିବା ଦୁଇଟି ଘର ଉପରେ ପଡ଼ିଛି। ଗୋଟିଏ ଘରେ ବୃଦ୍ଧା ଡମୁଣି ଭତରା(୬୫) ଥିଲେ। ଅନ୍ୟ ଘରେ ଦେବେନ୍ଦ୍ର ଭତରା(୩୦) ନିଜ ସ୍ତ୍ରୀ ଏବଂ ଦୁଇ ଛୁଆ ସହ ଥିଲେ। ଦିନ ୧୧ ଟାବେଳେ ଗଛ ଉପୁଡ଼ି ଉଭୟଙ୍କ ଘର ଉପରେ ପଡ଼ିଥିଲା। ଏଥିରେ ଟିଣ ଭାଙ୍ଗି ନଷ୍ଟ ହେବା ସହ ନିକଟରେ ଥିବା ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଛି। ହେଲେ ସୌଭାଗ୍ୟ ବଶତଃ କାହାର କିଛି କ୍ଷତି ହୋଇନାହିଁ। ନନ୍ଦାହାଣ୍ଡି ତହସିଲଦାର ଖବର ପାଇ ତେନ୍ତୁଳିଖୁଣ୍ଟି ଦମକଳ କେନ୍ଦ୍ରକୁ ଜଣେଇଥିଲେ। ଦମକଳ ବାହିନୀ ଗଛ କାଟି ସଫା କରିଛନ୍ତି। କ୍ଷୟକ୍ଷତି ଆକଳନ ପରେ ସରକାରୀ ନିୟମ ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି ଆର୍‌ଆଇ କହିଛନ୍ତି।




ପାପଡାହାଣ୍ଡିର ଏକ ଦୋକାନ ଭିତରେ ବର୍ଷଜଳ ପଶିଛି ।

## ବର୍ଷା ସ୍ଥିତିର ଅନୁଧ୍ୟାନ କଲେ ଜିଲାପାଳ

ନବରଙ୍ଗପୁର/ପାପଡ଼ାହାଣ୍ଡି, ୭।୮(ବି.ପ୍ର./ଡି.ଏନ୍.ଏ.)–

ନବରଙ୍ଗପୁର ଜିଲାରେ ବର୍ଷା ସ୍ଥିତି ଉପରେ ଜିଲା ପ୍ରଶାସନ ନଜର ରଖିଛି। ଜିଲାପାଳ କମଳ ଲୋଚନ ମିଶ୍ର ରବିବାର ଅପରାହ୍ନରେ ବନ୍ୟାଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।ବନ୍ୟାଜଳ ପ୍ରବାହିତ ହେଉଥିବା ତୁରୀ ନଦୀର ଦୁଇ ପାର୍ଶ୍ୱ ରାସ୍ତାକୁ ସ୍ଥାନୀୟ ପୋଲିସ ଏବଂ ପ୍ରଶାସନ ଦ୍ୱାରା ବାଡ଼ ଦେଇ ଜନସାଧାରଣ ଓ ଯାନବାହନ ନ ଯିବା ପାଇଁ ବନ୍ଦ କରାଯାଇଛି। ନଦୀର ଦୁଇ ପାର୍ଶ୍ୱରେ ତୁରନ୍ତ ଆଲୋକ ବ୍ୟବସ୍ଥା କରିବା ପାଇଁ ଜିଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାପଡ଼ାହାଣ୍ଡିର ତଳିଆ ଅଞ୍ଚଳରେ ଜେସିବି ଦ୍ୱାରା ନାଳ ସଫା

### ପାପଡ଼ାହାଣ୍ଡିରେ ବନ୍ୟା ପରିସ୍ଥିତି

କରି ବର୍ଷା ଜଳ ନିଷ୍କାସନ କରାଯାଇଛି। ଅଧିକ ବୃଷ୍ଟିପାତର ସମ୍ଭାବନାକୁ ଦୃଷ୍ଟିରେ ରଖି ପୋଲିସ, ବ୍ଲକ, ତହସିଲ, ଅଗ୍ନିଶମ ବିଭାଗ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଟାଟା ପାୱାରର ଅଧିକାରୀ ଏବଂ କର୍ମଚାରୀଙ୍କୁ ସଜାଗ ରହିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏହି ସମୟରେ ଜିଲାପାଳଙ୍କ ସହ ପିଏ ସୁରେଶ ଶାସ୍ତ୍ରୀ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପାଣିଘେର, ନଦୀନାଳ, ଜଳସ୍ରୋତ ଭିତରକୁ କେହି ପ୍ରବେଶ ନ କରିବାକୁ ଜିଲାପାଳ ସତର୍କ କରଇଛନ୍ତି।



ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟ ବ୍ରିଜ ଉପରେ ବର୍ଷାଜଳ ପ୍ରବାହିତ ହେଉଛି ।

## ତୁରୀ ନଦୀ ପୋଲ ଉପରେ ୨ ଫୁଟ ପାଣି

ନବରଙ୍ଗପୁର/ପାପଡ଼ାହାଣ୍ଡି, ୭।୮(ଡି.ଏନ୍.ଏ.)

ପାପାଡ଼ାହାଣ୍ଡି ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବ୍ଲକ ଦେଇ ପ୍ରବାହିତ ତୁରୀ ନଦୀରେ ଜଳସ୍ତର ବୃଦ୍ଧି ଯେଗୁ ପୋଲ ଉପରେ ସାଢ଼େ ୨ ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚରେ ଜଳ ପ୍ରବାହିତ ହେଉଛି। ଫଳରେ ଉମରକୋଟ, ନବରଙ୍ଗପୁର ଏବଂ ରାୟପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଦିନ ୧୧ଟା ପରେ ଜଳସ୍ତର ବୃଦ୍ଧିପାଇ ପୋଲ ଉପରେ ଚାଲିଥିଲା। ଫଳରେ ପାପଡ଼ାହାଣ୍ଡିରୁ ଉମରକୋଟ ଯିବା ରାସ୍ତା ଦୀର୍ଘ ସମୟ ଧରି ବନ୍ଦ ରହିଛି। ପୋଲର ଉଭୟ ପାର୍ଶ୍ୱରେ ଯାନବାହନ

### ନବରଙ୍ଗପୁର-ରାୟପୁର ଯୋଗାଯୋଗ ବିଚ୍ଛିନ୍ନ

ଅଟକି ରହିଛି। ପୋଲ ନିକଟରେ ବନ୍ୟା ଜଳ ଦେଖିବା ପାଇଁ ପ୍ରବଳ ଭିଡ଼ ଜମିଥିଲା। ପାପଡ଼ାହାଣ୍ଡି ପୋଲିସ ପହଞ୍ଚି ଲୋକଙ୍କୁ ଘରକୁ ପଠାଇଥିଲା। ସେହିପରି ବାରିଗୁଡ଼ା ନିକଟରେ ଏକ ବିରାଟ ଗଛ ପଡ଼ି ଡକରାଗୁଡ଼ା ଯିବାକୁ ରାସ୍ତା ବନ୍ଦ ରହିଛି। ସେହିପରି ଚାନ୍ଦିଲି ଗୁମିଦୋରା ରାସ୍ତା ଉପରେ ପାଣି ଆସି ଯାତାୟତ ବନ୍ଦ ରହିଛି। ପାପଡ଼ାହାଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଘରୁ ପାଣି ନିଷ୍କାସନ କରିଛି।



ଜିଲାପଳ ଓ ଅନ୍ୟ ଅଧିକାରୀମାନେ ତୁରୀ ନଦୀ ପୋଲ ନିକଟରେ ଜଳସ୍ତର ଅନୁଧ୍ୟାନ କରୁଛନ୍ତି ।

## ଗଛ ଉପୁଡ଼ି ୩ ଘଣ୍ଟା ଯାତାୟାତ ବନ୍ଦ

ନବରଙ୍ଗପୁର,୭।୮(ବି.ପ୍ର.)

ନବରଙ୍ଗପୁର ଜିଲାରେ ଶନିବାର ଠାରୁ ଲଗାଣ ବର୍ଷା ହେଉଥିବାବେଳେ ରବିବାର ସକାଳୁ ପ୍ରବଳ ବର୍ଷ ଜାରି ରହିଛି। ଫଳରେ ବିଭିନ୍ନ ନଦୀ, ଶାଖାନଦୀ ଓ ନାଳରେ ଜଳସ୍ତର ବୃଦ୍ଧି ପାଇଛି। ଲଗାଣ ବର୍ଷାରେ ତାରାଗାଁ ଛକ ନିକଟରେ ରାସ୍ତାପାର୍ଶ୍ୱରେ ଥିବା ଏକ ବିରାଟ ଆମ୍ବଗଛ ଉପୁଡ଼ି ୨୬ ନଂ. ଜାତୀୟ ରାଜପଥରେ ୩ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ ହୋଇଥିଲ। ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ମଟର ଚଳାଚଳ ବନ୍ଦ ରହିଥିଲା। ନବରଙ୍ଗପୁର ଅଗ୍ନିଶମ ବାହିନୀ, ସ୍ଥାନୀୟ ବାସିନ୍ଦା, ବୋଲବମ କାଉଡ଼ିଆଙ୍କ ମିଳିତ ଉଦ୍ୟମରେ ଗଛକାଟି ରାସ୍ତା ସଫା କରାଯାଇଥିଲା। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।



## ମନେପଡିଲା ବରପୁତ୍ରଙ୍କ ତ୍ୟାଗ

ତେନ୍ତୁଳିଖୁଣ୍ଟି, ୭।୮(ଡି.ଏନ୍.ଏ.)

### ନବରଙ୍ଗପୁର ଉପଖଣ୍ଡ ଡାକ ବିଭାଗ ପକ୍ଷରୁ ସ୍କୁଲ ପିଲାଙ୍କୁ ନେଇ ପ୍ରଭାତଫେରୀ

ଆଜାଦିକା ଅମୃତମହୋତ୍ସବ କାର୍ଯ୍ୟକ୍ରମ ଉପଲକ୍ଷେ ନବରଙ୍ଗପୁର ଉପଖଣ୍ଡ ଡାକ ବିଭାଗ ପକ୍ଷରୁ ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ଝରିଗୁମ୍ମା ନୋଡାଲ ସରକାରୀ କାଶୀପ୍ରସାଦ ସାହୁ ବିଦ୍ୟାଳୟ ଏବଂ ସରକାରୀ ପ୍ରାଥମିକ ବିଦ୍ୟାଳୟ ଝରିଗୁମ୍ମାର ପିଲାଙ୍କୁ ନେଇ ଏକ ପ୍ରଭାତ ଫେରି କାର୍ଯ୍ୟକ୍ରମ କରାଯାଇଛି। ନବରଙ୍ଗପୁର ସବ୍ ଡିଭିଜନ ଡାକ ନିରୀକ୍ଷକ ସଂଜିତ୍ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳଗୁମ୍ମା ସବ୍‌ପୋଷ୍ଟ ଅଫିସ୍ ପୋଷ୍ଟମାଷ୍ଟର ରମାକାନ୍ତ ଦାସ ଓ ତେନ୍ତୁଳିଖୁଣ୍ଟି ସବ୍‌ପୋଷ୍ଟ ମାଷ୍ଟର ବସନ୍ତ କୁମାର ଦାସ, ତ୍ରିପତି ମହାପାତ୍ର, ଶିବାନୀ ଶଙ୍କର ରଥ ଡାକ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କ୍ରୀଷ୍ଣାପଦ ମଣ୍ଡଳ, ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ସାହୁ, ରବୀନ୍ଦ୍ରନାଥ ପରିଡ଼ା ଓ ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ। ନବରଙ୍ଗପୁରର ଲକ୍ଷ୍ମୀ ଚନ୍ଦ୍ର ଟାକ୍ରୀ ଯୋଗଦେଇଥିଲେ। ଆଧୁନିକ ଓଡ଼ିଶାର ନିର୍ମାଣ ଓ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିବା ବରପୁତ୍ରଙ୍କ ଜୀବନୀ ଆଲୋଚନା କରାଯାଇଚି। ପରିଶେଷରେ ରବୀନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମକୁ ଶେଷ କରିଥିଲେ।




## ପୋଷ୍ଟ ଅଫିସରେ ଜାତୀୟ ପତାକା ବିକ୍ରି ଆରମ୍ଭ

ନବରଙ୍ଗପୁର,୭।୮(ବି.ପ୍ର.)

ନବରଙ୍ଗପୁର ଜିଲାରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନ ନିମନ୍ତେ ପୋଷ୍ଟ ଅଫିସରେ ଜାତୀୟ ପତାକା ବିକ୍ରି ଆରମ୍ଭ କରାଯାଇଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ଦେଶରେ ପାଳନ କରାଯାଉଛି। ଘରେ ଜାତୀୟ ପତାକା ଲଗାଇବା ପ୍ରତ୍ୟେକ ଭାରତୀୟଙ୍କ ସ୍ୱପ୍ନ ଥିବାବେଳେ ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତେ ଘରେ ତ୍ରିରଙ୍ଗା ଲଗାଇବାକୁ ପ୍ରଧାନମନ୍ତ୍ର ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ହର ଘର ତ୍ରିରଙ୍ଗା ଅଭିଯାନର ପ୍ରଥମ ପଦକ୍ଷେପ ସ୍ୱରୂପ ଜାତୀୟ ପତାକା ଏବେ ପ୍ରତ୍ୟେକ ପୋଷ୍ଟ ଅଫିସରେ ବିକ୍ରି କରାଯାଉଛି। ନବରଙ୍ଗପୁର ଜିଲାର ମୁଖ୍ୟ ପୋଷ୍ଟ ଅଫିସ ସହ ଶାଖା ପୋଷ୍ଟ ଅଫିସରେ ମଧ୍ୟ ତ୍ରିରଙ୍ଗା ବିକ୍ରି ଆରମ୍ଭ କରାଯାଇଛି। ସବୁ ବର୍ଗର ବ୍ୟକ୍ତି ପୋଷ୍ଟ ଅଫିସକୁ ଆସି ଜାତୀୟ ପତାକା କ୍ରୟ କରୁଛନ୍ତି। ପ୍ରତ୍ୟେକ ତ୍ରିରଙ୍ଗାର ଦର ୨୫ ଟଙ୍କା ଧାର୍ଯ୍ୟ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାକୁ ୭୦୦ଟି ପତାକା ଆସିଛି। ଲୋକଙ୍କ ବରାଦ ମୁତାବକ ଆଗାମୀ ଦିନରେ ଅଧିକ ପତାକା ଅଣାଯିବ ବୋଲି ପୋଷ୍ଟମାଷ୍ଟର ଶ୍ରୀରାମ ପଟ୍ଟନାୟକ ସୂଚନା ଦେଇଛନ୍ତି। ହର୍ ଘର୍ ତ୍ରିରଙ୍ଗା ଅଭିଯାନକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ଜିଲା ମୁଖ୍ୟ ଡାକଘରେ ଏକ ସ୍ୱତନ୍ତ୍ର ସେଲ୍‌ଫି ଷ୍ଟାଣ୍ଡ ମଧ ରଖାଯାଇଛି। ଇଚ୍ଛୁକ ବ୍ୟକ୍ତି ଏଠାରେ ସେଲ୍‌ଫି ନେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ଚାଲିଥିବା ଏହି ଅଭିଯାନକୁ ନେଇ ଗର୍ବିତ ବୋଲି ତ୍ରିରଙ୍ଗା କ୍ରୟ କରିଥିବା ଗୌରୀଶଙ୍କର ମାଝି ଓ ଦେବଦାସ ମହାକୁଡ଼ କହିଛନ୍ତି। ଜାତୀୟ ପତାକାର ସମ୍ମାନ ଓ ଜାତୀୟ ଏକତାକୁ ରକ୍ଷା କରିବା ପାଇଁ ସମସ୍ତେ ସଙ୍କଳ୍ପବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି।



## ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଶେରଗଡ଼,୭।୮(ଡି.ଏନ୍.ଏ.)

ଶେରଗଡ଼ ବ୍ଲକକୁ ଶନିବାର ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନେତା ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ଆୟୋଜିତ ବୈଠକରେ ବ୍ଲକର ଉନ୍ନୟନ କାର୍ଯ୍ୟ ଓ ଶେରଗଡ଼ର ପଞ୍ଚାୟତଗୁଡ଼ିକରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଜିଲାପାଳ ଆଲୋଚନା କରିଥିଲେ। ପିତ୍ତଳ, ତହଁର, ଗୋଠଗାଁ, ଥୁରୁବୁରାଇ ପଞ୍ଚାୟତ, କୁରୁଳା ପଞ୍ଚାୟତରେ ପନିପରିବା ଚାଷ ଅଧିକ ହେଉଛି। ଏଣୁ ବଜାର ବ୍ୟବସ୍ଥା ସହ ଶୀତଳଭଣ୍ଡାର, ପଞ୍ଚାୟତଗୁଡ଼ିକରେ ଭେଣ୍ଡିଂ ଜୋନ୍ ବ୍ୟବସ୍ଥା କରିବାକୁ ହୀନ ବେହେରା ଜିଲାପାଳଙ୍କୁ କହିଥିଲେ। ଶେରଗଡ଼ଠାରେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ କାମ ଆରମ୍ଭ କରିବା, ବାଲିସାହି ମୁହଁରେ ନାଳ ଉପରେ ପ୍ଲେଟ୍ ପକାଇବା, ପାର୍କ ନିର୍ମାଣ, ବସ୍‌ଷ୍ଟାଣ୍ଡ କାମ ପାଇଁ ଅର୍ଥ ବରାଦ କରିବାକୁ ହୃଷୀକେଶ ପାଢ଼ୀ କହିଥିଲେ। ସେହିପରି ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କୁ ବନ୍ଧାଗୁଡ଼ା ପଞ୍ଚାୟତ, କୁଲାଗଡ଼, ଖିରିଡା ପଞ୍ଚାୟତକୁ ଜଳସେଚନ ସୁବିଧା କରିବାକୁ କୁହାଯାଇଥିଲା।

## ଶାଖାନଦୀରେ ଭାସିଯାଇ ମହିଳା ମୃତ

ଝରିଗାଁ,୭।୮(ସ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅନ୍ତର୍ଗତ ବଇଁସିବନ୍ଧା ଗ୍ରାମ ନିକଟ ଶାଖାନଦୀରେ ଭାସିଯାଇ ଶନିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ରବିବାର ସକାଳେ ଗାଁ ଠାରୁ କିଛିଦୂରରେ ନଦୀ ମଧ୍ୟରେ ଥିବା ବୁଦା ନିକଟରୁ ତାଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ବଇଁସିବନ୍ଧା ଗ୍ରାମ ପିତାମ୍ବର ସାହିର ପ୍ରତିମା ସାନ୍ତା(୩୫)।

ସୂଚନ ଅନୁଯାୟୀ ପ୍ରତିମା ଶ୍ରମିକ ଭାବେ କାମ କରୁଛନ୍ତି। ଶନିବାର ଜଣେ ଚାଷୀଙ୍କ ଧାନରୁଆ କାମ ପାଇଁ ଯାଇଥିଲେ। ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ବିଫଳ ହୋଇଥିଲେ। ରବିବାର ପୁଣି ଖୋଜାଖୋଜି କରିବା ସମୟରେ ଗାଁ ଠାରୁ ୧ କି.ମି ଦୂର ନଦୀବୁଦା ନିକଟରେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଏ ନେଇ ପ୍ରତିମାଙ୍କ ଭାଇ ଡମ୍ବୁ ସାନ୍ତା ଝରିଗାଁ ଥାନାରେ ଏତଲା ଦେଇଥିଲେ। ଏସ୍‌ଆଇ ରାଜୁ ବଞ୍ଜାରା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପ୍ରତିମା ଧାନରୁଆ କାମସାରି ଘରକୁ ଫେରିବା ସମୟରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗୋଡ଼ ଖସିଯିବାରୁ ଭାସିଯାଇ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତବେଳେ ଜାଣିବାକୁ ପାଇଥିବା ପ୍ରକାଶ କରିଛି। ଏ ନେଇ ଝରିଗାଁ ଥାନାରେ ୨୬/୨୨ରେ ଏକ ଅପମୃତ୍ୟୁ ମମଲା ରୁଜୁକରି ତଦନ୍ତ ଚଳାଇଥିବା ସୂଚନା ମିଳିଛି।



ନବରଙ୍ଗପୁର ଜିଲା ଡାବୁଗାଁ କନ୍ଧସାହିରେ ଲଗାଣ ବର୍ଷାରେ ଜଣେ ମହିଳାଙ୍କ କଚ୍ଚାଘର ନଷ୍ଟ ହୋଇଛି। ଅଳ୍ପକେ ବର୍ତ୍ତିଯାଇଛି ୨ ବର୍ଷର ଝିଅ।

## ଝଞ୍ଜାବତୀ ନଦୀ ସ୍ରୋତରେ ଭୁଶୁଡ଼ିଲା ଅସ୍ଥାୟୀ ପୋଲ

ରାୟଗଡ଼ା ଅଫିସ,୭।୮

ଲଗାଣ ପ୍ରବଳ ବର୍ଷା ଯୋଗୁ ରାୟଗଡ଼ା ଜିଲା ଦେଇ ପ୍ରବାହିତ ଝଞ୍ଜାବତୀ ନଦୀରେ ଜଳସ୍ତର ବୃଦ୍ଧିପାଇଛି। ଶନିବାର ରାତିରେ ନଦୀରେ ଜଳସ୍ତର ବଢ଼ି ପ୍ରଖର ସ୍ରୋତରେ ରାୟଗଡ଼ା ସଦର ବ୍ଲକ କୁମ୍ଭିକୋଟା ପଞ୍ଚାୟତର ପୋଡ଼ାମାରି ଓ କୁମ୍ଭିକୋଟାକୁ ସଂଯୋଗ କରୁଥିବା ଅସ୍ଥାୟୀ ପୋଲ ଭୁଶୁଡ଼ି ପଡ଼ିଛି। ଫଳରେ ଉକ୍ତ ଦୁଇ ଗ୍ରମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପୋଡ଼ାମାରି ଗ୍ରାମବାସୀ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଛନ୍ତି।



ସୂଚନାଯୋଗ୍ୟ, ଏହି ଅସ୍ଥାୟୀ ପୋଲ ବିପଜ୍ଜନକ ଅବସ୍ଥାରେ ଥିବାରୁ ବର୍ଷହେଲେ ପୋଡ଼ାମାରି ଗ୍ରମବାସୀ ଯାତାୟାତ ପାଇଁ ଚିନ୍ତାରେ ପଡ଼ିଥାନ୍ତି। ପକ୍କାରାସ୍ତା ଏବଂ ଏକ ବ୍ରିଜ୍ ପାଇଁ ବାରମ୍ବାର ବ୍ଲକ ଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତାହା ହୋଇ ପାରିନାହିଁ। ଫଳରେ ଗାଁ ଲୋକେ ଚାନ୍ଦାକରି ଏକ ଅସ୍ଥାୟୀ ପୋଲ ନିର୍ମାଣ କରିଥିଲେ। ସେଥିରେ କାମ ଚଳାଉଥିବାବେଳ ତାହା ମଧ୍ୟ ବର୍ଷାରେ ଧୋଇଯାଇଛି।

